Chapter- 3

# ରାଜାଙ୍କ ନୂତନ ପରିଚ୍ଛଦ

## WORKSHEET

୧. ଅପଠିତାଂଶଟିକୁ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ।

ଓଡ଼ିଶାର ପର୍ବମାନଙ୍କ ମଧ୍ୟରେ ରଜପର୍ବ ଏକ ନିଆରା ଓ ବିଶିଷ୍ଟ ପର୍ବ ରୂପେ ପରିଚିତ। ଧନୀ, ଦରିଦ୍ର ସମସ୍ତେ ଏହି ପର୍ବଟିକୁ ଆନନ୍ଦରେ ପାଳନ କରିଥାଆନ୍ତି। ଏହା ତିନିଦିନ ଧରି ପାଳନ କରାଯାଏ। ଏହା ସାଧାରଣତଃ ଝିଅମାନଙ୍କର ପର୍ବ। ଏଥିରେ ଝିଅମାନେ ନୂତନ ବସ୍ତ୍ର ପରିଧାନ କରିବା ସହ ଘରେ ଘରେ ପିଠାପଣାର ଆୟୋଜନ କରାଯାଏ। ସମସ୍ତେ ରଜଦୋଳି ପାନ ଓ ପୋଡ଼ପିଠା ସହ ବିଭିନ୍ନ ଖେଳର ମଜା ନିଅନ୍ତି। ଏହା ଓଡ଼ିଆମାନଙ୍କର ଏକ ଜାତୀୟ ପର୍ବ। ଏହି ତିନିଦିନରେ କୌଣସି କାର୍ଯ୍ୟ କରାଯାଏ ନାହିଁ। ଗ୍ରୀଷ୍ମର ପ୍ରବଳ ତାତି ପରେ ରଜଠାରୁ ବର୍ଷାର ଆଗମନ ହୁଏ। ମାତା ଧରିତ୍ରୀ ରାଣୀଙ୍କ ପ୍ରତି ଏହି ରଜପର୍ବ ସମସ୍ତଙ୍କ ହୃଦୟରେ ଶ୍ରଦ୍ଧା ସୃଷ୍ଟି କରାଏ। ଏହି ପର୍ବ ଓ ଏହାର ସୁନ୍ଦର ପରମ୍ପରା ଆମ ଓଡ଼ିଶା ମାଟିର ଗୌରବ ଓ ଗାରିମା ବୃଦ୍ଧି କରାଏ।

କ) ଓଡ଼ିଶାର ପର୍ବମାନଙ୍କ ଭିତରେ କେଉଁ ପର୍ବ ଏକ ନିଆରା ଓ ବିଶିଷ୍ଟ ?

ଉ: ______________________________

ଖ) ଏହି ପର୍ବ କେତେଦିନ ଧରି ପାଳନ କରାଯାଏ ?

ଉ: ______________________________

ଗ) ଏହା ସାଧାରଣତଃ କେଉଁମାନଙ୍କର ପର୍ବ ଓ ସେମାନେ କ'ଣ କରନ୍ତି ?

ଉ: ______________________________

ଘ) ଲୋକମାନେ ଏହି ପର୍ବରେ କାହାର ମଜା ନିଅନ୍ତି ?

ଉ: ______________________________

ଙ) ଏହି ପର୍ବରେ କାହାକୁ ପୂଜା କରାଯାଏ ?

ଉ: ______________________________

୨. ଶୂନ୍ୟସ୍ଥାନ ପୂରଣ କର।

କ) __________ ପାଇଁ ରାଜା ଏକ ପ୍ରକାର ପାଗଳ ହୋଇପଡ଼ିଥିଲେ ?

ଖ) ଶଠ ଦୁଇଜଣ ତନ୍ତ ପାଖରେ ବସି __________ ଛଳନା କଲେ।

ODM EDUCATIONAL GROUP Changing your Tomorrow

ଗ) ରାଜା ନୂତନ ବସ୍ତ୍ରଟି ନିଜର __________ରେ ପିନ୍ଧିବେ ବୋଲି ସ୍ଥିର କଲେ।

ଘ) ରାଜାଙ୍କୁ ତାଙ୍କର ___________ସତ କଥା କହିଲା।

ଙ) ରାଜା ନିଜର ଭୁଲ ବୁଝିପାରି __________ ମନୋନିବେଶ କଲେ।

୩. ବିଷୟବସ୍ତୁ ସମ୍ପର୍କିତ ପ୍ରଶ୍ନୋତ୍ତର।

"ମହାରାଜ ମୁଁ ପଛକେ ବୋକା ଓ ଅଯୋଗ୍ୟ ବୋଲି ପ୍ରମାଣିତ ହୁଏ, କିନ୍ତୁ ଆପଣଙ୍କୁ ମିଛ କହିପାରିବି ନାହିଁ।"

କ) ଉକ୍ତ ଗଦ୍ୟାଂଶଟି କେଉଁ ବିଷୟରୁ ଆସିଅଛି ?

ଉ: ____________________________________________

ଖ) ଏକଥା କିଏ ଓ କାହାକୁ କହିଛି ?

ଉ: ____________________________________________

ଗ) ଏହି ବିଷୟଟିର ଲେଖକ କିଏ ?

ଉ: ____________________________________________

୪. ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ।

କ) ରାଜାଙ୍କ ପ୍ରଧାନ ସଉକ କ'ଣ ଥିଲା ?

ଉ: ____________________________________________

ଖ) ପ୍ରଧାନମନ୍ତ୍ରୀ ଚିନ୍ତାମଗ୍ନ ହୋଇପଡ଼ିଲେ କାହିଁକି ?

ଉ: ____________________________________________

ଗ) ଦୁଇଜଣ ଶଠଙ୍କର ଅବସ୍ଥା କ'ଣ ହେଲା ?

ଉ: ____________________________________________

ଘ) ରାଜା ନିଜର ଭୁଲ ବୁଝିପାରି କ'ଣ କଲେ ?

ଉ: ____________________________________________

୫. ତଳେ ଦିଆଯାଇଥିବା ଶବ୍ଦକୁ ନେଇ ବାକ୍ୟଗଠନ କର।

କ) ଚମତ୍କାର - ____________________________________

ଖ) ନୂତନ - ____________________________________

ଗ) ପୁରସ୍କାର - ____________________________________

♦♦♦

ODM EDUCATIONAL GROUP Changing your Tomorrow